## ବିଶୋଧିତ ହେଲା କେନ୍ଦ୍ରୀୟ ବିଦ୍ୟାଳୟ

କେନ୍ଦୁଝର, (ଡି.ଏନ.ଏ.): ଆଗାମୀ ସମୟରେ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କ ଆଗମନ ସମ୍ଭାବନା ଓ ବିଭିନ୍ନ ପ୍ରକାର ପରୀକ୍ଷା ହେବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ସୋମବାର ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ରାଙ୍କିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସର, କାର୍ଯ୍ୟାଳୟ ଓ ଶ୍ରେଣୀ ଗୃହଗୁଡ଼ିକୁ ବିଶୋଧିତ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ସାହୁ,ପରିଚାଳନା ମଣ୍ଡଳୀ ସଦସ୍ୟ ଏଆର୍ ଖାନ ଓ ଅଗ୍ନିଶମ କର୍ମଚାରୀଗଣ ଉପସ୍ଥିତ ଥିଲେ। ନିୟମିତ ବ୍ୟବଧାନରେ ବିଦ୍ୟାଳୟ ବନ୍ଦ ଥିଲେ ମଧ୍ୟ ବିଶୋଧନ କାର୍ଯ୍ୟ ସଂପାଦିତ ହେଉଥିବା ଅଧ୍ୟକ୍ଷ ସାହୁ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

### ଏନ୍ଏଚ୍ ୨୦ ମରଣଯନ୍ତା

**ଢେଙ୍କିକୋଟ:୨୩।୯(ଡି.ଏନ.ଏ.):** ପାଣିକୋଇଲି ଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ୨୦ ନମ୍ବର ଜାତୀୟ ରାଜପଥ ଯାହାକି କେନ୍ଦୁଝର ଜିଲାର ଲାଇଫ ଲାଇନ କୁହାଯାଉଛି। ତାହା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ରାସ୍ତାର ମଝିରେ ମଝିରେ ଆଣ୍ଠୁଏ ଲେଖାଏ ଖାଲ ଖମା ହୋଇଥିବା ବେଳେ ଅସରାଏ ବର୍ଷା ହେଲେ ସେଥିରେ ପାଣି ଭର୍ତ୍ତି ହୋଇ ସମତୁଲ ଜଣାପଡୁଛି। ଫଳରେ ଦିନ ରାତି ଲୁହାପଥର ବୋଝେଇ ଭାରିଯାନ ଗୁଡିକ ଖାଲକୁ ବଢ଼ାଇ ଦେଉଛନ୍ତି ଏହି ଖାଲ ଗୁଡ଼ିକରେ ଗାଡ଼ି ଗୁଡ଼ିକ ପଡ଼ିଯିବାରୁ ଚାଳକ ମାନେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ିଛନ୍ତି। ଏଥିପ୍ରତି ଏନ୍ଏଚ୍ଆଇ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଢେଙ୍କିକୋଟ ବିକାଶ ମଞ୍ଚ ତରଫରୁ ଦାବି କରାଯାଇଛି।

### ଢେଙ୍କିକୋଟରେ ପୋଷଣ ମେଳା

**ଢେଙ୍କିକୋଟ, ୨୩।୯(ଡି.ଏନ.ଏ.):** ବୁଧବାର ପୂର୍ବାହ୍ନ ୧୦ଟା ବେଳେ ଢେଙ୍କିକୋଟ ଅଙ୍ଗନୱାଡ଼ି ଗୃହରେ ଏକ ପୋଷଣ ମେଳା ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡି ସୁପର ଭାଇଜର (ପରିଦର୍ଶିକା) ସୁଶିଳା ନାୟକଙ୍କ ତତ୍ତ୍ୱାବଧାନରେ ଢେଙ୍କିକୋଟ ସେକ୍ଟର ଅଧୀନରେ ଥିବା ୨୮ ଟି ଅଙ୍ଗନୱାଡି କର୍ମଚାରୀଙ୍କୁ ନେଇ ଏହି ମେଳା ଅନୁଷ୍ଠିତ ହୋଇଥିଲା ଏହି ମେଳାର ଉଦେଶ୍ୟ ଥିଲା କି ଗ୍ରାମାଞ୍ଚଳରେ ରହୁଥିବା ନିରୀହ ଗରିବ ଆଦିବାସୀ କିଶୋରୀ ବାଳିକା, ଗର୍ଭବତୀ ମା', ପ୍ରସୂତି ମା'ମାନଙ୍କ ଗର୍ଭସ୍ଥ ପିଲା ଏବଂ ଜନ୍ମିତ ପିଲାମାନଙ୍କୁ କେଉଁ କେଉଁ ପୁଷ୍ଟିକର ଖାଦ୍ୟ କିପରି ଭାବରେ ଖାଇବେ ଏବଂ ଖୁଆଇ ପିଲାମାନଙ୍କୁ ପୋଷଣ ସୁସ୍ଥ ରଖି ପାରିବେ।

### ବଜରଙ୍ଗ ୟୁଥ କ୍ଲବ ପକ୍ଷରୁ ଚାରାରୋପଣ

**ଖଇରା, ୨୩।୯(ଡି.ଏନ.ଏ.):** ବଜରଙ୍ଗ ୟୁଥ କ୍ଲବ ଆନୁକୂଲ୍ୟରେ ଖଇରା ବ୍ଲକ ଗଗନଧୂଳି ପଞ୍ଚାୟତ ଅଧୀନ ମଛଦା ଗ୍ରାମରେ ୨୦ତାରିଖରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର କର୍ମକର୍ତ୍ତା ଓ ସଭ୍ୟଗଣ ସ୍ଥାନୀୟ ବନବିଭାଗ ଓ ନେହେରୁ ଯୁବ କଲ୍ୟାଣ ବାଲେଶ୍ୱରଠାରୁ ସଂଗ୍ରହ କରିଥିବା ଶତାଧିକ ଚାରା ଆକାଶୀ, ଶାଗୁଆନ, ଜାମୁ, ଅଁଳା ଆଦି ଗଛଗୁଡିକ ଗ୍ରାମର ଘଣ୍ଟପଦା ସରକାରୀ ପଡିଆରେ ରୋପଣ କରାଯାଇଥିଲା। ବୃକ୍ଷଗୁଡିକର ସୁରକ୍ଷା ନିମନ୍ତେ ଏଗୁଡିକୁ ଆବଦ୍ଧ କରାଯାଇଥିଲା। ଆଗାମୀ ଦିନରେ ଏପରି ଅନେକ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ସମ୍ପାଦିତ କରାଯିବ ବୋଲି କର୍ମକର୍ତ୍ତାଗଣ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବର ଅକ୍ଷୟ ରାଉତ, ଶାନ୍ତନ ପାଢୀ, ପବନ ବାରିକ, ରମେଶ କୁମାର ବେହେର, ସଞ୍ଜୟ ରାଉତ, ମାନସ ରଞ୍ଜନ ବେହେରା, ଗୋପାଳ ଜେନା, ଭାଗବତ ବେହେରା, ସିଲୁ ବାରିକ, ମାନସ ମହାପାତ୍ର, ବିଶ୍ୱନାଥ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଜାତୀୟ ଶିକ୍ଷାନୀତି ଆଲୋଚନାଚକ୍ର

**ରୂପ୍ସା, ୨୩।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ରୂପ୍ସା ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଶୀର୍ଷକ ଆଲୋଚନାଚକ୍ର ଭିଡିଓ କନ୍ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଯାଇଛି।

ବରିଷ୍ଠ ପ୍ରାଧ୍ୟାପକ କାଳୀଚରଣ ଲେଙ୍କା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଆର.ସାଇଦା ନାୟକ ଯୋଗଦେଇ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱରସ୍ଥିତ ଜାତୀୟ ସେବା ଯୋଜନା ତାଲିମ କେନ୍ଦ୍ରର ସହକାରୀ ତାଲିମ ସଂଯୋଜକ ଡ. ନୀରଦ ବରନ ଖୁଣ୍ଟିଆ ଯୋଗଦେଇ ଜାତୀୟ ଶିକ୍ଷାନୀତିରେ ଉଚ୍ଚଶିକ୍ଷାର ବ୍ୟବସ୍ଥା ଓ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ଆରୁଣୀ ମିଶ୍ର, ଡ. ତପନ କୁମାର ଦାସ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା ପ୍ରମୁଖ ରିସୋର୍ସପର୍ସନ ଭାବେ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ଲାଖିରାମ ହାଁସଦା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଅଧ୍ୟାପିକା ଦେବସ୍ମିତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# କରୋନା ସଂକ୍ରମିତଙ୍କ ଶବ ସଂସ୍କାରକୁ ବିରୋଧ

**ବାରିପଦା ଅଫିସ,୨୩।୯**

**୬ ଘଣ୍ଟା ଧରି ରାସ୍ତାରୋକୋ**



ମୃତଦେହ ସଂସ୍କାରକୁ ବିରୋଧ କରି ଉତ୍ତ୍ୟକ୍ତ ଲୋକଙ୍କ ରାଜପଥ ଅବରୋଧ।

କରୋନା ସଂକ୍ରମିତ ରୋଗୀଙ୍କ ଶବ ସତ୍କାରକୁ ବିରୋଧ କରି ବାରିପଦାସ୍ଥିତ ରଘୁନାଥପୁର ଅଞ୍ଚଳବାସୀ ବୁଧବାର ବାରିପଦା-କୋଷ୍ଠା ରାଜ୍ୟ ରାଜପଥକୁ ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉତ୍ତ୍ୟକ୍ତ ମହିଳାପୁରୁଷମାନେ ଦୀର୍ଘ ୬ଘଣ୍ଟାରୁ ଊର୍ଦ୍ଧ୍ୱ ରାସ୍ତାରୋକୋ କରିବା ସହିତ ଜିଲାପାଳ ସମାଧାନ ନ କରିବା ଯାଏ ରାସ୍ତାରୁ ହଟିବୁ ନାହିଁ ବୋଲି ଅଡି ବସିଥିଲେ। ଘଟଣା ସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ଗୁରୁବାର ଜିଲାପାଳଙ୍କ ନିଷ୍ପତ୍ତି କ୍ରମେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

ଜିଲାରେ ପ୍ରତିଦିନ ଶହ ଶହ ରୋଗୀ ଚିହ୍ନଟ ହୋଇ ବାଙ୍କିଶୋଳରେ ଥିବା କୋଭିଡ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ପ୍ରତିଦିନ ଏହି ଡାକ୍ତରଖାନାରେ ରୋଗୀ ମୃତ୍ୟୁବରଣ କରୁଥିବା ବେଳେ ମୃତକ ପରିବାରକୁ ଶବ ହସ୍ତାନ୍ତର କରା ନ ଯାଇ ପ୍ରଶାସନ ପକ୍ଷରୁ ସତ୍କାର କରାଯାଉଛି। ଡାକ୍ତରଖାନା ପରିସରରେ ଶବ ସତ୍କାର କରା ନ ଯାଇ ସେଠାରୁ ୨କି.ମି. ଦୂର ରଘୁନାଥପୁର ଅଞ୍ଚଳର ମଇଳା ଖାଦାନଠାରେ ରୋଗୀଙ୍କ ଶବ ପୋଡିବା ଦ୍ୱାରା ୱାର୍ଡ ନଂ ୨୨ ସମେତ ଆଖପାଖ ଅଞ୍ଚଳରେ ପରିବେଶ ଦୂଷିତ ହେବା ସହ ସଂକ୍ରମଣର ଭୟ ରହୁଛି। ଏପରିକି ଶବ ପୋଡିବାଠାରୁ ଅଳ୍ପ ଦୂରରେ ରାଜପଥରେ ହଜାର ହଜାର ଲୋକ ଚଳପ୍ରଚଳ କରୁଥିବା ବେଳେ ପଥଚାରୀମାନେ କରୋନା ଶିକାର ହେବା ଭୟକୁ ନେଇ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ପୂର୍ବତନ ମ୍ୟୁନିସିପାଲିଟି ଅଧ୍ୟକ୍ଷ ରାଜ ଶିବ ନାରାୟଣ କିସ୍କୁଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷମାନେ ଏକାଠି ହୋଇ ପ୍ରତିବାଦ କରିବା ସହିତ ଶବ ପୋଡିବା ସ୍ଥାନ ପରିବର୍ତ୍ତନ କରାଯାଇ ଉପଯୁକ୍ତ ସ୍ଥାନରେ ସତ୍କାର କରିବାକୁ ଦାବି କରିଥିଲେ । ଘଟଣାସ୍ଥଳରେ ଏସ୍‌ଡିପିଓ କେ.କେ.ହରିପ୍ରସାଦ, ମ୍ୟୁନସିପାଲଟି କନିଷ୍ଠଯନ୍ତ୍ରୀ ମନମୋହନ ମହାପାତ୍ର ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ଜିଲାପାଳ ଅନୁପସ୍ଥିତ ଥିବାରୁ ଗୁରୁବାର ଜିଲାପାଳଙ୍କ ନିଷ୍ପତ୍ତି କ୍ରମେ ଶବ ସତ୍କାର କରାଯିବ ବୋଲି ତହସିଲଦାର ରାମଚନ୍ଦ୍ର ସୋରେନ୍ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି ।

## ଫି' କମାଇବାକୁ ପଦାର୍ଥ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଦାବି



ଅଭିଯୋଗ କରିବାକୁ ଆସିଥିବା ଛାତ୍ରମାନେ ।

**ଖଇରା, ୨୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ +୩ ପଦାର୍ଥ ବିଜ୍ଞାନ(ସମ୍ମାନ) ବିଭାଗ ଛାତ୍ରୀଛାତ୍ରମାନେ ପୁନଃ ପ୍ରବେଶ ଫି' କମାଇବାକୁ ଶୁକ୍ରବାର ଅଧ୍ୟକ୍ଷ ପଞ୍ଚାନନ ଲେଙ୍କାଙ୍କ ନିକଟରେ ଦାବି କରିଛନ୍ତି। ସେମାନଙ୍କ ଦାବିପୂରଣ ନ ହେଲେ ସେମାନଙ୍କ ପକ୍ଷରୁ ଧାରଣା ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଦାବି ଅନୁଯାୟୀ ଅନ୍ୟ କଲେଜଗୁଡିକରେ ଏହି ସମ୍ମାନରେ ପୁନଃ ପ୍ରବେଶ ଫି' ବାବଦକୁ ୨ହଜାର ଟଙ୍କା ନିଆଯାଉଥିବା ବେଳେ କୁପାରୀ କଲେଜରେ ପାଖାପାଖି ୩ହଜାର ୭ଶହ ଟଙ୍କା ନିଆଯାଉଛି । କରୋନା ମହାମାରୀ ବେଳେ ପିଲାମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ଥିବା ବେଳେ ଅଧିକ ଅର୍ଥ ନିଆଯାଇ ପିଲାମାନଙ୍କର ମେରୁଦଣ୍ଡ ଦୋହଲାଇ ଦେଉଛି। ଏ ବିଷୟ ଉପରେ ବିଚାର କରା ନ ଗଲେ ଛାତ୍ରୀଛାତ୍ରମାନେ ଧାରଣାରେ ବସିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଅଧ୍ୟକ୍ଷ ଲେଙ୍କାଙ୍କ ମତାମତ ନିଆଯିବାରେ ପଦାର୍ଥ ବିଜ୍ଞାନ ସମ୍ମାନ ବିଷୟ ନୂତନ ଭାବେ ଖୋଲିଥିବାରୁ ଏଥିପାଇଁ ବିଦ୍ୟାଳୟ ତରଫରୁ ଯେତିକି ଅର୍ଥ ଖର୍ଚ୍ଚ ହୋଇଥିଲା ସରକାରୀ ନିୟମ ଅନୁଯାୟୀ ପିଲାମାନଙ୍କ ନିକଟରୁ ଆଦାୟ କରାଯାଉଛି। କୋଭିଡ୍‌କୁ ଦେଖି ଏ ବର୍ଷ ଅର୍ଥ ପୈଠ ପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ ଦିଆଯାଇନାହିଁ। ଯାହାକୁ ଯେତେବେଳେ ସୁବିଧା ଫର୍ମ ପୂରଣ ପୂର୍ବରୁ ଦେବାକୁ କୁହାଯାଇଛି । ସର୍ବୋପରି ପିଲାମାନଙ୍କର ଦାବି ଅନୁଯାୟୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବାଲେଶ୍ୱର ଉପଜିଲାପାଳଙ୍କୁ ଜଣାଇ ଦେଇଛନ୍ତି । ସେ ଯାହା ନିଷ୍ପତ୍ତି ନେବେ।

## ୮ ସାର ବିକ୍ରେତାଙ୍କୁ କାରଣ ଦର୍ଶାଅ ନୋଟିସ



ସାର ଦୋକାନ ଉପରେ ଚଢ଼ାଉ କରାଯାଉଛି।

**ଭଦ୍ରକ ଅଫିସ, ୨୩।୯**

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ରଙ୍କ ଦ୍ୱାରା ଯୁଗ୍ମିଆ ସାର ବିକ୍ରିର ତଦନ୍ତ କରାଯାଇଛି। ଅତିରିକ୍ତ ଜିଲାପାଳ, ମୁଖ୍ୟ ଜିଲା କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ମିଳିତ ଭାବେ ଜିଲାର ୨୧ଜଣ ସାର ବିକ୍ରେତାଙ୍କ ଦୋକାନ ନିକଟକୁ ଯାଇ ସରଜମିନ ତଦନ୍ତ କରି ଡିଲରମାନଙ୍କ ଅନିୟମିତତା ସମ୍ବନ୍ଧରେ ଅବଗତ ହୋଇଥିଲେ। ସାର ଡିଲରମାନଙ୍କର ଅନିୟମିତତା ପାଇଁ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନିୟମିତତା କରିଥିବା ତିହିଡ଼ିର ୨ଜଣ, ଭଦ୍ରକର ଜଣେ, ଚାନ୍ଦବାଲିର ଜଣେ, ଧାମନଗରର ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିଭଳି ତିହିଡ଼ିର ୨ଜଣ, ଭଦ୍ରକର ୨ଜଣ, ଧାମନଗରର ଜଣେ, ଚାନ୍ଦବାଲିର ୩ଜଣଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେମାନଙ୍କଠାରୁ ସନ୍ତୋଷ ଜନକ ଉତ୍ତର ନ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ହେଲମେଟ୍, ମାସ୍କ ଚେକିଂ ବେଳେ କିନ୍ନର-ପୋଲିସ୍ ମୁହାଁମୁହିଁ

**ଜଳେଶ୍ୱର, ୨୩।୯(ସ୍ୱ.ପ୍ର.)**

ବାଲେଶ୍ୱର ଜିଲାରେ ଅମାନିଆମାନଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ପୋଲିସ୍ ଇଲାକାରେ ସ୍ୱତନ୍ତ୍ର କୋଭିଡ୍ ୧୯ ସଂକ୍ରମଣ ପ୍ରତିରୋଧ ପାଇଁ ମାସ୍କ ଚେକିଂ ବ୍ୟବସ୍ଥା କରାଯାଇଛି। ଏହାକୁ ଆଧାର କରି ଜଳେଶ୍ୱର ପୋଲିସ୍ ପକ୍ଷରୁ ଥାନା ସମ୍ମୁଖରେ ପ୍ରତିଦିନ ଚେକିଂ ଚାଲିଛି। ବୁଧବାର ମଧ୍ୟ ପୋଲିସ୍ ପକ୍ଷରୁ ହେଲମେଟ୍ ଓ ମାସ୍କ ଚେକିଂ ଆରମ୍ଭ ହୋଇଥିଲା। ୨ଜଣ କିନ୍ନର ଏକ ସ୍କୁଟିରେ ଗଲା ବେଳେ ମାସ୍କ ନ ଥିବାରୁ ପୋଲିସ୍ ଧରପଗଡ଼ରେ ଅଟକ ରଖାଯିବା ସହିତ ୫୦୦ଟଙ୍କା ଜରିମାନା କରାଯାଇଥିଲା। ଫଳରେ ପୋଲିସ୍ ଓ କିନ୍ନର ମଧ୍ୟରେ ବଚସା ଓ ମୁହାଁମୁହିଁ ହୋଇଥିଲେ। ସେଥିରେ ଜଣେ ପୋଲିସ୍ କିନ୍ନର ଉପରକୁ ବାଡ଼ି ଉଠାଇବା ଅଭିଯୋଗ ହେବା ପରେ ଜଳେଶ୍ୱରର ପ୍ରାୟ ୨୦ରୁ ୨୨ ଜଣ କିନ୍ନର ଥାନା ଆଗରେ ସମ୍ମିଳିତ ହୋଇ ନାରାବାଜି କରିଥିଲେ। ଆଇଆଇସି ମାନସ କୁମାର ଦେୟ କିନ୍ନରଙ୍କ ନେତ୍ରୀ ରାଣୀଙ୍କୁ ଡାକି ଏ ସମ୍ପର୍କରେ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଶହୀଦ ଦିବସ ପ୍ରସ୍ତୁତି ବୈଠକ

**ବାସୁଦେବପୁର, ୨୩।୯(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଇରମ ଶହୀଦ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ପର୍ଯ୍ୟଟନ ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ବିଡିଓ ପ୍ରଣବ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ପରିଷଦର ସଭ୍ୟ ଇରମ ସରପଞ୍ଚ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବ୍ଲକ ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ତରେଇ, ଅତିରିକ୍ତ ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ବିଏସ୍‌ଏସ୍‌ଓ ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଶହୀଦ ଦିବସ ପାଳନ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ମତ ରଖିଥିଲେ। ପୂର୍ବ ପ୍ରଚଳିତ ପରମ୍ପରାକୁ ଆଖି ଆଗରେ ରଖି କୋଭିଡ୍ ଆଇନକୁ ପାଳନ କରି ଚଳିତ ମାସ ସେପ୍ଟେମ୍ବର ୨୮ ତାରିଖରେ ଶହୀଦ ଦିବସ ଅନୁଷ୍ଠିତ ହେବା ପାଇଁ ସ୍ଥିର ହୋଇଛି।

## ଆଇନ ସଂଶୋଧନକୁ ବିରୋଧ କରି ବିକ୍ଷୋଭ

**ବାଲେଶ୍ୱର ଅଫିସ,୨୩।୯**

କେନ୍ଦ୍ର ସରକାର ଚଳିତ ପାର୍ଲାମେଣ୍ଟ ଅଧିବେଶନରେ ଦେଶରେ ପ୍ରଚଳିତ ୪୪ଟି ଶ୍ରମ ଆଇନକୁ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ସଂଶୋଧନ ପାଇଁ ପ୍ରସ୍ତାବ ଆଗତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତିକୁ ବିରୋଧ କରି ଜାତୀୟସ୍ତରରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେଶନ୍‌ମାନଙ୍କ ମିଳିତ ମଞ୍ଚ ଆହ୍ୱାନରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ ସହ ବାଲେଶ୍ୱର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମିଳିତ ମଞ୍ଚ ଟିୟୁସିସି ତରଫରୁ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ପ୍ରସ୍ତାବିତ ଶ୍ରମଆଇନ ସଂଶୋଧନକୁ ପ୍ରତ୍ୟାହାର କରିବା ସହ ଦୈନିକ କାର୍ଯ୍ୟଦିବସ ୮ରୁ ୧୨ଘଣ୍ଟାକୁ ବୃଦ୍ଧି କରିବା ପ୍ରସ୍ତାବକୁ ବିରୋଧ କରାଯାଇଛି। ସରକାରୀ ସଂସ୍ଥାମାନଙ୍କୁ ଓ ଲାଭଦାୟକ ସରକାରୀ ଉଦ୍ୟୋଗଗୁଡ଼ିକୁ ଘରୋଇକରଣ ନ କରିବାକୁ ଦାବି କରାଯାଇଛି। ସମାନ କାମକୁ ସମାନ ମଜୁରି ପ୍ରଦାନ କରି ସ୍କିମ୍ ୱାର୍କର୍ସ ଓ ସ୍ଥାୟୀ କାମରେ ସ୍ଥାୟୀ ନିଯୁକ୍ତି, କ୍ଷୁଦ୍ରଶିଳ୍ପ ସଂସ୍ଥା, କ୍ଷୁଦ୍ର ବ୍ୟବସାୟୀ ଓ ଉଠାଦୋକାନୀମାନଙ୍କୁ କମ୍ ସୁଧରେ ଋଣ ଯୋଗାଇଦେବା, କରୋନା ମହାମାରୀ ଯୋଗୁ ରୋଜଗାର ହରାଇଥିବା ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଏବଂ କରୋନାକୁ ମୁକାବିଲା କରୁଥିବା ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ସଫେଇ କର୍ମଚାରୀ, ଆଶା, ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ସହ ଆର୍ଥିକ ପ୍ରୋତ୍ସାହନ ଦେବାକୁ ଦାବି ହୋଇଛି।

ଟିୟୁଏସିସିର ଜିଲା ସାଧାରଣ ସମ୍ପାଦକ ତଥା ଆବାହକ ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଏଆଇଟିୟୁସି ଜିଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା, ସିଆଇଟିୟୁର ଜିଲାନେତା ପ୍ରେମରଞ୍ଜନ ପାତ୍ର, ଆଇଏନ୍‌ଟିୟୁସିର (ଯୁବ) ସଭାପତି ବିକାଶ ଦାସ, ଏଚ୍‌ଏମ୍‌ଏସ୍ ସଭାପତି ଅରୁଣ କୁମାର ସ୍ୱାଇଁ ଓ ଗଦାଧର ପ୍ରଧାନ, ଏନ୍‌ଏଫ୍‌ଆଇଟିୟୁର ରାଜ୍ୟ ସମ୍ପାଦକ ଶାନ୍ତନୁ ଦାସ, ଏଆଇୟୁଟିୟୁସିର ସମ୍ପାଦକ ନିରାକାର ପାଣ୍ଡବ ଓ ଚାଷୀ ଏକତା ମଞ୍ଚର ଆବାହକ ଅରୁଣ ଜେନା ଦାବିପତ୍ରରେ ସ୍ୱାକ୍ଷର କରିଥିଲେ। ବିଭିନ୍ନ ଶ୍ରମିକ ସଙ୍ଗଠନ ତରଫରୁ ସେକ୍ ସଲ୍ଲାଉଦ୍ଦିନ୍, ଜତିନ୍ ପାତ୍ର, ନିକୁଞ୍ଜ ବସନ୍ତ ରାୟ, ବାସନ୍ତୀ ସାମଲ, ପିତାମ୍ବର ମାଝି, ଭରତ ଚନ୍ଦ୍ର ସେଠୀ, ଶିଶିର ହୁଇ, ବିଜୟ ପାତ୍ର, ରାଜକିଶୋର ଲେଙ୍କା, ବନ୍ଦନା ବିଶ୍ୱାସ, ଭାରତୀ ପଣ୍ଡା, ନିରଞ୍ଜନ ପରିଡ଼ା, ପ୍ରଶାନ୍ତ ଦାସ, ଶମ୍ଭୁନାଥ ଦାଶ, ଜୀବନକୃଷ୍ଣ ବାରିକ, ଖଗେନ୍ଦ୍ର ବେହେରା, ମନ୍ମଥ ପରିଡ଼ା, ଶଶିକାନ୍ତ ବେହେରା ପ୍ରମୁଖ ବିକ୍ଷୋଭସ୍ଥଳରେ ଉପସ୍ଥିତ ଥିଲେ।

## କରୋନା ପ୍ରତିହତ ଲାଗି ତାରକେଶ୍ୱର ପୀଠରେ ଯଜ୍ଞ

**ଖଇରା, ୨୩।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଚ୍ୟୁତପୁର ପଞ୍ଚାୟତ ଅଧୀନ ଶିରିପୁର-ବାସିଦ୍ଧିପୁରସ୍ଥିତ ତାରକେଶ୍ୱର ମହାଦେବ ପୀଠରେ କରୋନା ପ୍ରତିହତ ତଥା ବିଶ୍ୱ କଲ୍ୟାଣ ନିମିତ୍ତ ଯଜ୍ଞ ଓ ଜଳାଭିଷେକ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇ ଯାଇଛି । ପଣ୍ଡିତ ରଘୁନାଥ ପାଢୀ ଓ ପର୍ଶୁରାମ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାବା ତାରକେଶ୍ୱରଙ୍କର ହଜାରେ ଆଠ ଜଳାଭିଷେକ କରାଯାଇଥିଲା । ପରେ ୮ଜଣ ପଣ୍ଡିତଙ୍କ ଦ୍ୱାରା ଯଜ୍ଞକର୍ମ ଆୟୋଜନ କରାଯାଇଥିଲା । ମୁକ୍ତିକାନ୍ତ ପାଢୀ, ମଦନମୋହନ ପଣ୍ଡା, ବ୍ରଜକିଶୋର ଶତପଥି, ଦାମୋଦର ଶତପଥୀ, ରବି ନାରାୟଣ ଶତପଥୀ, ଚକ୍ରଧର ଶତପଥୀ ଓ ବାବୁଲି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## 'କର୍ମସଂସ୍ଥାନ, ବାସଗୃହ ଯୋଗାଅ'



କିନ୍ନର ମହାସଂଘ ପକ୍ଷରୁ ଦାବିପତ୍ର।

**କେନ୍ଦୁଝର, ୨୩।୯(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲାର କିନ୍ନରମାନଙ୍କୁ କର୍ମସଂସ୍ଥାନ ଓ ରହିବା ପାଇଁ ବାସଗୃହ ଯୋଗାଇ ଦେବାକୁ ବୁଧବାର କେନ୍ଦୁଝର କିନ୍ନର ମହାସଂଘ ତରଫରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କିନ୍ନରମାନେ ସମ୍ମାନର ସହ ବଞ୍ଚିବା ପାଇଁ ପ୍ରଶାସନ ତରଫରୁ ସେମାନଙ୍କୁ କର୍ମସଂସ୍ଥାନ ଯୋଗାଣ କରାଯାଉ ବୋଲି ଏହି ଅବସରରେ ନିବେଦନ କରାଯାଇଛି। ବିଶେଷତଃ ଜିଲାର ବିଭିନ୍ନ ପୌରାଞ୍ଚଳରେ କିମ୍ବା ଜିଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନମାନେ କିନ୍ନରମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେଲେ ଅବହେଳିତ ଅବସ୍ଥାରେ ରହିଥିବା ଜିଲାର କିନ୍ନର ସମାଜ ଉପକୃତ ହୋଇପାରନ୍ତେ ବୋଲି ଏହି ଅବସରରେ ମତ ରଖିଥିଲେ। ଏଥିସହ ଜିଲା ପ୍ରଶାସନ ତରଫରୁ କିନ୍ନରମାନଙ୍କୁ ବାସଗୃହ ଯୋଗାଇ ଦେବାର ବ୍ୟବସ୍ଥା କରାଯିବାକୁ ମଧ୍ୟ ଦାବି କରାଯାଇଛି। ଦାବୀପତ୍ର ପ୍ରଦାନ ସମୟରେ କେନ୍ଦୁଝର କିନ୍ନର ମହାସଂଘର ଫାଉଣ୍ଡର ସାଧନା ମିଶ୍ର, କେନ୍ଦୁଝର କିନ୍ନର ମହାସଂଘର ସଭାପତି ପ୍ରାଚୀ କିନ୍ନରଙ୍କ ନେତୃତ୍ୱରେ ମହାସଂଘର ସଦସ୍ୟ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ୧୨ ଫୁଟ୍‌ର ଅଜଗର ଉଦ୍ଧାର



**ଢେଙ୍କିକୋଟ ୨୩।୯(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଢେଙ୍କିକୋଟ ଫରେଷ୍ଟ ସେକ୍ସନ କପାସପଡା ଗ୍ରାମ ପାଣିବନ୍ଧ ସାହି ନିକଟସ୍ଥ ହୁଡିରୁ ଏକ ୧୨ଫୁଟ ଲମ୍ବର ଅଜଗର ସାପକୁ ଜଣେ ସାପ ଧରାଳି ନଦୀରୁ ଉଦ୍ଧାରକରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ବୁଧବାର ସକାଳେ ଗ୍ରାମର କେତେଜଣ ଲୋକ ଗ୍ରାମ ନିକଟସ୍ଥ ହୁଡ଼ିକୁ ଜାଳେଣି କାଠ ଆଣିବାପାଇଁ ଯାଇଥିଲେ ଏବଂ ହୁଡ଼ିରେ ଅଜଗରସପ ଏକ କୋକିଶିଆଳକୁ ଗିଳୁଥିବାର ଦେଖିଥିଲେ। ଖବରପାଇ ଜଣେ ସାପ ଧରାଳି ତୁରନ୍ତ ସେକନଦୀର ଘଟଣାସ୍ଥଳରେ ପହଞ୍ଚି ଅଜଗରସପକୁ ଉଦ୍ଧାର କରି ଥିଲେ। ସାପଟିକୁ ବନବିଭାଗ ତରଫରୁ ମୁଦୁରବେଡା ସ୍ଥିତ ସଂରକ୍ଷିତ ଜଙ୍ଗଲରେ ଛାଡିଥିବା କହିଛନ୍ତି।

## 'ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ'

**ବାଲେଶ୍ୱର ଅଫିସ, ୨୩।୯**

ବାଲେଶ୍ୱର ସହରର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିନିମନ୍ତେ ରାଜ୍ୟ ସରକାର ଇତିମଧ୍ୟରେ ବହୁତଗୁଡ଼ିଏ ପଦକ୍ଷେପ ହାତକୁ ନେଇଛନ୍ତି ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ବୋଲି ପ୍ରକାଶ କରିଛନ୍ତି। ମନ୍ତ୍ରୀ ବାଲେଶ୍ୱର ଗସ୍ତ ଅବସରରେ ରାଜ୍ୟ ସରକାରଙ୍କ ତରଫରୁ ସହରର ଉନ୍ନତି ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି ।

ରାଜ୍ୟ ସରକାରଙ୍କ ସ୍ପେଶାଲ ପ୍ରୋବ୍ଲେମ ଫଣ୍ଡରୁ ପ୍ରଥମ ଦଫାରେ ସହରର ଉନ୍ନତି ପାଇଁ ୮୨ଗୋଟି ପ୍ରୋଜେକ୍ଟ ମାଧ୍ୟମରେ ୧କୋଟି ୯୭ଲକ୍ଷ ମଞ୍ଜୁର କରାଯାଇଛି ଯାହାର ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ଦ୍ୱିତୀୟ ଦଫାରେ ବାଲେଶ୍ୱର ସହର ର ୨୫ଗୋଟି ମନ୍ଦିର ଓ ମସ୍‌ଜିଦ୍ ର କମ୍ୟୁନିଟି ସେଣ୍ଟର ବା ମଣ୍ଡପ ପାଇଁ ୧କୋଟି ମଞ୍ଜୁର କରାଯାଇଛି ଯାହାର ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ସହରର ବିଭିନ୍ନ ସାହି ବସ୍ତିରେ ଥିବା ୧୦୭ ଗୋଟି ରାସ୍ତା ଏବଂ ନାଳର ଉନ୍ନତିକରଣ ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ୨କୋଟି ୯୭ଲକ୍ଷ ୧୭ହଜାର ୫୦୦ ଟଙ୍କା ମଞ୍ଜୁର କରାଯାଇଛି ଯାହାର ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ନୂଆବଜାର ମାର୍କେଟ କମ୍ପ୍ଲେକ୍ସର ଉନ୍ନତି କରଣ ପାଇଁ ୮୦ଲକ୍ଷ ୫୭ହଜାର ମଞ୍ଜୁର କରାଯାଇଛି ଯାହାର ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ଇଶାନ ନଗରଠାରେ ଥିବା ମଡ଼େଲ ଶ୍ମଶାନର ଉନ୍ନତିକରଣ ପାଇଁ ୩୦ଲକ୍ଷ ୯୭ହଜାର ମଞ୍ଜୁର କରାଯାଇଛି ଯାହାର ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ସହରର ଭାସ୍କରଗଞ୍ଜଠାରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ଉଦ୍ଦିଷ୍ଟ ଦୁଇଟି କବରସ୍ଥାନ ଏବଂ ମୁସଲମାନ ଧର୍ମାବଲମ୍ବୀମାନଙ୍କ ପାଇଁ ଦରଘା ମଇଦାନ କଦମ ରସୁଲଠାରେ ଥିବା କବରସ୍ଥାନର ଉନ୍ନତୀକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମ୍ୟୁନିସପାଲିଟି ଦ୍ୱାରା ସହରର ପୋଲିସ ଲାଇନ ପଡିଆ ଏବଂ ପରମିଟ୍ ପଡିଆଠାରେ ଦୁଇଟି ଖୋଲା ଜିମ୍ନାସିୟମ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ସହରାଞ୍ଚଳ କର୍ମନିଯୁକ୍ତି ଯୋଜନାରେ ୧୯୪.୩୮ ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ୬୯.୦୬ଲକ୍ଷ ବ୍ୟୟରେ ବସ୍ତି ଅଞ୍ଚଳରେ ବିଭିନ୍ନ ମାଇକ୍ରୋ ଆକ୍ଟିଭିଟି ସେଣ୍ଟର ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାର ଯୋଜନା ରହିଛି। ୪୭ଟି ମହାନାଳର ସଫେଇ ପାଇଁ ୩୪.୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ କାର୍ଯ୍ୟକ୍ରମ ଜାରି ରହିଛି। ବିଭିନ୍ନ ସାମାଜିକ ସୁରକ୍ଷା ଅନ୍ତର୍ଗତ ଅତିରିକ୍ତ ୫୫୪ଗୋଟି ଭତ୍ତା ପ୍ରଦାନ କରାଯାଇଛି। ୨୦୦୦ଟି ନୂତନ ରାଶନକାର୍ଡ଼ ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଛି ଏବଂ ୩୦୦ଟି ମଞ୍ଜୁରୀକରଣ ପ୍ରକ୍ରିୟାରେ ରହିଛି। ଏତଦ୍‌ବ୍ୟତୀତ ଆହୁରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ପଦକ୍ଷେପ ନିଆଯାଇଛି । ବାଲେଶ୍ୱର ପୌରାଞ୍ଚଳର ଯେପରି ଦ୍ରୁତ ବିକାଶ ହୋଇପାରିବ ସେଥିନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ଜେନା ପ୍ରକାଶ କରିଛନ୍ତି।

